ପାଠ-୮

# ରାଜାଙ୍କ ଭୋଜି

ବଣର ରାଜା ଭୋଜି ଦେବେ । ସବୁ ପରଜା ରାଜଉଆସରେ ଖାଇବେ । ଡାକରା ପାଇ ଜୀବମାନେ ସଜବାଜ ହୋଇ ବାହାରିଲେ ।



ଭାଲୁ ବଡ଼ ଡାଲାଟିଏ ଧରିଥିଲା । ସେଥିରେ ଧଳାଧଳା ଫୁଲ ସଜା ହୋଇଥାଏ । ହନୁ ଧରିଥାଏ ଗୋଲାପ କଢ଼ । ସବା ପଛରେ ବୁଢ଼ା ଗଧିଆଟି ଢଳିଢଳି ଚାଲୁଥାଏ ।



ଡବାରେ ଖାଇବା ଦରବ ଥାଏ । ଢାଙ୍କୁଣୀ ଖୋଲି ଦିଆଗଲା । ଉଆସରେ ଜୀବମାନେ ଧାଡ଼ିହୋଇ ବସିଗଲେ । କେତେଜଣ ଡଙ୍କି ଧରି ପରଷିଲେ ।



ସବା ଶେଷକୁ ବିଲୁଆ ଆସିଲା । ପିଢ଼ା ପକାଇ ବସିଗଲା । ଭାବିଲା ପେଟେ ଖାଇବ । ଦେଖିଲା ବେଳକୁ ଡବା ଖାଲି ।

## ଅଭ୍ୟାସ

୧. ଆସ କହିବା...

- ରାଜା କ'ଣ ଦେଲେ ?
- ଭାଲୁ କ'ଣ ଧରିଥିଲା ?
- ବିଲୁଆ କାହା ଉପରେ ବସିଲା ?
- ବିଲୁଆ କ'ଣ ଭାବିଲା ?
- ଶେଷରେ କ'ଣ ହେଲା ?

## ୨. ଆସ ଛବି ଦେଖି କହିବା ।



ଡାଳ



ଢୋଲ



ଡଙ୍ଗା



ଜଟ



ଜାଲ



ଜିଭ



ଶଗଡ଼



ମାଙ୍କଡ଼



କଢ଼



ଗଧ



ଓଧ



ଧନୁ

ଉପରେ ଥିବା ଶବ୍ଦଗୁଡ଼ିକର ଡ, ଡ଼, ଜ, ଧ, ଢ, ଢ଼ ଅକ୍ଷରଗୁଡ଼ିକୁ ଗୋଲ୍ ବୁଲାଇବା ।

୩. ଛବି ସହ ମିଳାଇ ପଢ଼ିବା ।





ର



ଡଳ



ଧର



ଛପର କର

୪. ଡ, ଢ଼, ଧ, ଜ ଅକ୍ଷର ଯେଉଁ ଶବ୍ଦରେ ଅଛି, ବାଛି ତା'ତଳେ ଗାର ଦେବା ।

ବଗ, ଗଧ, ଧନୁ, ଜିଭ, ଶଗଡ଼, କଢ଼, ଡାଳ, କାଙ୍କଡ଼

୫. କହି ପାରିବା ତ କହିବା ।

କ) ଗୋଟିଏ ଗଛରେ ୫ଟି ଚଢ଼େଇ ଥିଲେ । ତାଳି ମାରିବାରୁ ସବୁ ଚଢ଼େଇ ଉଡ଼ିଗଲେ । ଆଉ କେତୋଟି ଚଢ଼େଇ ରହିଲେ ?

ଖ) କୁନୁ ପାଖରେ ତିନୋଟି ବେଲୁନ୍ ଥିଲା । ତିନୋଟି ଯାକ ବେଲୁନ୍ ଫାଟି ଗଲା । ଆଉ କେତୋଟି ବେଲୁନ୍ ରହିଲା ?

୬. କିଏ କାହା ସହିତ ସମାନ ଗାର ଟାଣି ଯୋଡ଼ିବା ।



୭. ପାଠ ୮ର ଛବି ନଂ.୨ ଦେଖି କହିବା ।

କ) ମାଙ୍କଡ଼ ପାଖରେ କିଏ ବସିଛି ?

ଖ) କେତେଜଣ ଭୋଜି ଖାଉଛନ୍ତି ?

୮. ଛବି ଦେଖି ବାକ୍ସରେ ଲେଖିବା ।



→ ୨ ଟି ବାଘ



→ ☐ ଟି ହରିଣ



→ ☐ ଟି ମାଙ୍କଡ଼



→ ☐ ଟି ଫୁଲ

୯. ୬ଟି କାଠିର ଚିତ୍ର କରିବା ।

## ୧୦. ଚାଲ ଲେଖିବା ।



# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ଶିକ୍ଷକ ଗପଟିକୁ ଅଙ୍ଗଭଙ୍ଗୀ କରି ଆବଶ୍ୟକ ଚିତ୍ର ଦେଖାଇ ପିଲାମାନଙ୍କୁ କହିବେ। କହିଲାବେଳେ ପାଠରେ ଥିବା ଚିତ୍ରଗୁଡ଼ିକ ଉପରେ ଆଲୋଚନା କରିବେ। ଗପରୁ ଧାଡ଼ି, ଧାଡ଼ିରୁ ଶବ୍ଦ, ଶବ୍ଦରୁ ଅକ୍ଷର ଚିହ୍ନଟ କରାଇବେ।

- ଅଭ୍ୟାସ କାର୍ଯ୍ୟ ୧ରେ ଯେତିକି ପ୍ରଶ୍ନ ଅଛି ତା'ଛଡ଼ା ଗପ ଉପରେ ଅଧିକା ପ୍ରଶ୍ନ ଦେଇ ଆଲୋଚନା କରିବେ।

- ଅଭ୍ୟାସ କାର୍ଯ୍ୟ ୫ରେ 'ଶୂନ'ର ଧାରଣା ପାଇଁ ମୌଖିକ କାର୍ଯ୍ୟମାନ କରାଇବେ।

- ଅଭ୍ୟାସ କାର୍ଯ୍ୟ ୬ରେ ବସ୍ତୁକୁ ନେଇ ସମାନ (ପରିମାଣ)ର ଧାରଣା ଦେବା ସହିତ ଦୈନନ୍ଦିନ ଜୀବନର ଅନୁଭୂତି ସହିତ ଯୋଡ଼ାଯିବା ଆବଶ୍ୟକ।

- ଅଭ୍ୟାସ କାର୍ଯ୍ୟ ୭ର ଆଲୋଚନା ବେଳେ କେଉଁ ପଶୁ କେଉଁଠି ବସିଛନ୍ତି, କାହା ପାଖରେ କିଏ ବସିଛନ୍ତି ସେ ବିଷୟରେ ଆଲୋଚନା କରାଇବେ।

- ଅଭ୍ୟାସ କାର୍ଯ୍ୟ ୯ପାଇଁ ସିଲଟ, ଖାତା, କାନ୍ଥକଳାପଟାର ବ୍ୟବହାର କରାଯିବ।

- ଏହି ପାଠଟି ପାଇଁ ଅନ୍ୟୂନ ୨୫ଟି ପିରିଅଡ଼ ରହିଛି। ଏହି ପାଠରେ ଜ, ଡ଼, ଡ, ଢ଼, ଢ, ଧ ଅକ୍ଷର ଚିହ୍ନଟ, ଟ, ଳ, ଲ ଲିଖନ, ସମାନ ସଂଖ୍ୟାର ତୁଳନା, '୦'ର ଧାରଣା, ବଣର ଜୀବଜନ୍ତୁମାନଙ୍କ ବିଷୟରେ ଧାରଣା, ଅତିଥିମାନଙ୍କ ସହ ବ୍ୟବହାର ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।